OFFICE OF THE TAHASILDAR ★ BANGRIPOSI, MAYURBHANJ ★

# ତହସିଲଦାରଙ୍କ କାର୍ଯ୍ୟାଳୟ, ବାଙ୍ଗିରିପୋଷି, ମୟୂରଭଞ୍ଜ

**ଇସ୍ତାହାର** ରେଭିନ୍ୟୁ ମିସ କେଶ ନମ୍ବର-୨୪/୨୦୨୫

**(ସରକାରୀ ଜମିର ଅନୁମତିମୂଳକ ବ୍ୟବହାର ସମ୍ବନ୍ଧେ)**

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନ ତଫସିଲ ବର୍ଣ୍ଣିତ ସରକାରୀ ଜମିକୁ **ରେଳ ବିଭାଗ** ଙ୍କୁ **ବୁଡାମରା-ଚାକୁଳିଆ ନୂତନ ରେଳପଥ** ନିର୍ମାଣ ନିମନ୍ତେ ଜମି ଯୋଗାଇ ଦେବାର ପ୍ରସ୍ତାବ ଆଗତ ହୋଇଅଛି । ଯେହେତୁ ଉକ୍ତ ଜମି ସରକାରୀ **ଆବାଦ ଅଯୋଗ୍ୟ ଅନାବାଦି** ଖାତାରେ ଦରଜ ଅଛି, ଏଣୁ ଉକ୍ତ ଜମିର ଅନୁମତିମୂଳକ ବ୍ୟବହାର (Permissive Use) ଆବଶ୍ୟକ ହେଉଅଛି ।

ଏଣୁ ନିମ୍ନ ଦର୍ଶିତ ପ୍ଲଟ ଗୁଡିକର ଅନୁମତିମୂଳକ ବ୍ୟବହାର (Permissive Use) ନିମନ୍ତେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ, ଇସ୍ତାହାର ଜାରି ହେବାର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତ ରେ ଆବଶ୍ୟକ କୋର୍ଟଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯାଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

## ତଫସିଲ

ମୌଜା :- ଖଇରବଣୀ, ଥାନା :- ବାଙ୍ଗିରିପୋଷି, ଥାନା ନମ୍ବର:- ୨୨୮, ଖାତା ନମ୍ବର : -୨୪୦(ଆବାଦ ଅଯୋଗ୍ୟ ଅନାବାଦି)

| ପ୍ଲଟ ନମ୍ବର | କିସମ | ରକବା |
|---|---|---|
| ୨୦୨୫ | ନାଳ | ଏ ୦.୧୨ |

ତହସିଲଦାର, ବାଙ୍ଗିରିପୋଷି
Tahasildar, Bangriposi
Mayurbhanj

ଏହାର ଏକକିତା ନକଲ ଖଇରବଣୀ ମୌଜାରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରକାଶ କରିବାକୁ ପଠାଗଲା ।

ଏହାର ଏକକିତା ନକଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କୁମ୍ଭାରମୁଣ୍ଡାକଟା/ରାଜସ୍ୱ ନିରୀକ୍ଷକ, ରାଜଲୋକ-୨ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା ।

ଏହାର ଏକକିତା ନକଲ ବାଙ୍ଗିରିପୋଷି ତହସିଲ ଅଫିସ ନୋଟିସ ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଜାରି କରାଗଲା।।

ତହସିଲଦାର, ବାଙ୍ଗିରିପୋଷି
Tahasildar, Bangriposi
Mayurbhanj